# ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶା, ଭୁବନେଶ୍ୱର

## ଆଦେଶ

ତାରିଖ ୨୬ ଡିସେମ୍ବର ୨୦୦୬

ସଂଖ୍ୟା ୫୪୧୦–ରା.ନି.ଆ. –ଯେହେତୁ, ସମସ୍ତ ପଞ୍ଚାୟତ ଅନୁଷ୍ଠାନର ନିର୍ବାଚନ ଅଧିକ୍ଷଣ, ନିର୍ଦ୍ଦେଶନାମା ଏବଂ ନିୟନ୍ତ୍ରଣ କ୍ଷମତା ଭାରତ ସମ୍ବିଧାନର ଧାରା ୨୪୩–କେ ରେ ରାଜ୍ୟ ନିର୍ବାଚନ କମିଶନଙ୍କ ଉପରେ ନ୍ୟସ୍ତ କରାଯାଇଅଛି ;

ଏବଂ ଯେହେତୁ ପଞ୍ଚାୟତ ନିର୍ବାଚନକୁ ଉଚିତ୍ ମାର୍ଗରେ ପରିଚାଳନା କରିବା ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ସମ୍ବିଧାନର ୨୪୩–କେ ଧାରାରେ କ୍ଷମତାପ୍ରାପ୍ତ ହୋଇଅଛନ୍ତି, ତେଣୁ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ସରପଞ୍ଚ ପଦବୀ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଥିବା ଯାନ ଉପରେ ନିମ୍ନମତେ ସୀମା ଧାର୍ଯ୍ୟ କରୁଛନ୍ତି ।

ଜିଲ୍ଲା ପରିଷଦ ପ୍ରାର୍ଥୀ ସର୍ବାଧିକ ଦୁଇଗୋଟି ଜିପ୍ ବା କାର୍ ଓ ଚାରିଗୋଟି ମୋଟର ସାଇକେଲ, ପଞ୍ଚାୟତ ସମିତି ଓ ସରପଞ୍ଚ ପ୍ରାର୍ଥୀ ଗୋଟିଏ ଜିପ୍ ବା କାର୍ ଓ ଦୁଇଗୋଟି ମୋଟର ସାଇକେଲ୍ ବ୍ୟବହାର କରିପାରିବେ । ଗାଡ଼ି ଓ ମୋଟର ସାଇକେଲ୍ ଧାର୍ଯ୍ୟ ସୀମା ମଧ୍ୟରେ ଅଟୋ ରିକ୍ସା ମଧ୍ୟ ବ୍ୟବହାର କରାଯାଇପାରିବ । ମୋଟର ଯାନ ବ୍ୟବହାର ଦିନଠାରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଯାନର ପ୍ରକାର, ତାହାର ପଞ୍ଜିକରଣ ନମ୍ବର, ଗାଡ଼ି ମାଲିକଙ୍କ ନାମ ଉପ–ଜିଲ୍ଲାପାଳଙ୍କୁ ଏବଂ ପଞ୍ଚାୟତ ସମିତି ଓ ସରପଞ୍ଚ ପ୍ରାର୍ଥୀ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତଭାବେ ଜଣାଇବେ । ଏହି ତଥ୍ୟର ତିନୋଟି ନକଲ ଦାଖଲ କରାଯିବ । ତଥ୍ୟର ଗୋଟିଏ ନକଲ ଉପ–ଜିଲ୍ଲାପାଳ/ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିକଟସ୍ଥ ମୋଟର ଯାନ କର୍ତ୍ତୃପକ୍ଷଙ୍କୁ ଦେବେ ଓ ଅନ୍ୟଟି ନିଜ ପାଖରେ ରଖିବେ । ତୃତୀୟ ନକଲଟିରେ ଉପ–ଜିଲ୍ଲାପାଳ/ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ତାଙ୍କ କ୍ଷମତାପନ୍ନ ଅଧିକାରୀ ସ୍ୱାକ୍ଷର ଓ ଅଫିସ୍ ମୋହର ଲଗାଇ ପ୍ରାର୍ଥୀଙ୍କୁ ଫେରାଇ ଦେବେ । ମୋଟର ଯାନ ଅଧିକାରୀ ଗୋଟିଏ ରେଜିଷ୍ଟରରେ ସମସ୍ତ ତଥ୍ୟ ଲିପିବଦ୍ଧ କରିବେ । କୌଣସି ସମୟରେ ନିର୍ବାଚନ ଅଧିକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପନ୍ନ ଅଧିକାରୀ ଏହି ତଥ୍ୟ ଆବଶ୍ୟକ କଲେ, ପ୍ରାର୍ଥୀ ତଦାରଖ ନିମନ୍ତେ ତାହା ଉପସ୍ଥାପନ କରିବେ । ମଟର ଯାନ ସଂକ୍ରାନ୍ତୀୟ ସମସ୍ତ ଖର୍ଚ୍ଚ, ନିର୍ବାଚନ ଖର୍ଚ୍ଚ ସୀମା ମଧ୍ୟରେ ସୀମିତ ରହିବ । ପ୍ରଚାର କାର୍ଯ୍ୟରେ ବ୍ୟବହୃତ ମୋଟର ଯାନ ଭୋଟ ଆରମ୍ଭ ହେବାର ୩୬ ଘଣ୍ଟା ପୂର୍ବରୁ ମୁକ୍ତ କରାଯାଇ ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦିଆଯିବ ।

ଏହି ଆଦେଶ ଅବମାନନାକୁ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ଧରାଯିବ । ଏହି ଆଦେଶ ନିର୍ଗମନ ଦିନରୁ ଲାଗୁ କରାଯିବ ।

ରାଜ୍ୟ ନିର୍ବାଚନ କମିଶନଙ୍କ ଆଦେଶକ୍ରମେ

**ଫକୀର ଚରଣ ଶତପଥୀ**

ସଚିବ

ପରିପତ୍ର ନଂ. ୫୪୧୧/ରା. ନି.ଆ. ତାରିଖ ୨୬–୧୨–୨୦୦୬

ଏହାର ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ଏବଂ ପ୍ରକାଶନ, ଓଡ଼ିଶା, କଟକଙ୍କୁ ପଠାଯାଇ ଅସାଧାରଣ ଓଡ଼ିଶା ଗେଜେଟର ୨୬–୧୨–୨୦୦୬ରେ ପ୍ରକାଶନ କରି ୧୦୦୦ କିତା ନକଲ ଯୋଗାଇ ଦେବାକୁ ଅନୁରୋଧ ।

**ଫକୀର ଚରଣ ଶତପଥୀ**

ସଚିବ

ପରିପତ୍ର ନଂ. ୫୪୧୨/ରା. ନି.ଆ. ତାରିଖ ୨୬–୧୨–୨୦୦୬

ଏହାର ନକଲ ସମସ୍ତ ଜିଲ୍ଲାପାଳ/ଉପ–ଜିଲ୍ଲାପାଳ / ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ / ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା । ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ପରେ ଏହାର ନକଲ ସମସ୍ତ ପ୍ରାର୍ଥୀଙ୍କୁ ଯୋଗାଇ ଦେବାକୁ ଅନୁରୋଧ ।

**ଫକୀର ଚରଣ ଶତପଥୀ**

ସଚିବ